### ସଚେତନଭିତ୍ତିକ

# ହରିବୋଲ ଭାଇ ଗୋବିନ୍ଦ ବୋଲ

**ଗଣେଶ ମହାନ୍ତି**
ଉପ ଆରକ୍ଷୀ ନିରୀକ୍ଷକ
ଦୁର୍ନୀତି ନିବାରଣ ଖଣ୍ଡ, କଟକ ଡ଼ିଭିଜନ,
କଟକ

ଗୋବିନ୍ଦପୁର ଗାଁର ଶେଷମୁଣ୍ଡ ମେଳଣ ପଡ଼ିଆ । ତିନିମାଣ ଏହି ପଡ଼ିଆ ଉପରେ ବିରାଟ ବରଗଛ । ବାପ-ଅଜା ଅମଳରୁ ଗଛଟି ସେମିତି ଛିଡ଼ା ହୋଇଛି । ତା' ଓହଳ ଗୁଡ଼ିକ ଏମିତି ଏତେ ପରିମାଣରେ ମାଟିକୁ ଛୁଇଁଚି ଯେ ଗଛଟିର ମୂଳ ଖୋଜି ପାଇବା କାଠିକର ବ୍ୟାପାର । ଗତ ପ୍ରଳୟକାରୀ ବାତ୍ୟା ସମସ୍ତଙ୍କର ପିଲାଦିନର ଧୂଳିଖେଳ ଏଇ ପଡ଼ିଆରେ କଟିଛି । ପ୍ରତି ବର୍ଷ ଦୋଳ ପୂର୍ଣ୍ଣମୀକୁ ଏଠାରେ ବିରାଟ ଦୋଳ ଯାତ୍ରା ଅନୁଷ୍ଠିତ ହୁଏ । ସୁସଜ୍ଜିତ ବିମାନଗୁଡ଼ିକ ଜାକଜମକରେ ଆସି ନିଜ ନିଜ ନିର୍ଦ୍ଦିଷ୍ଟ ସ୍ଥାନରେ ବସନ୍ତି । ପରସ୍ପର ମଧ୍ୟରେ ସ୍ନେହ, ମମତାଭରା ଅବିରଖେଳ ଏହି ଯାତ୍ରାର ଏକ ବିଶେଷ ବିଶେଷତ୍ୱ । ବ୍ୟବସାୟୀ ଭାଇମାନେ ମଧ୍ୟ ଭଲ ଦି' ପଇସା ରୋଜଗାର କରନ୍ତି । ତା'ପରେ ଆସେ ରଜ । ଆଜିର ସମୟର ଆମ ନିଜସ୍ୱ ସଂସ୍କୃତି, ପରମ୍ପରା ଅବକ୍ଷୟମୁଖୀ । ପାଶ୍ଚାତ୍ ସଭ୍ୟତା ତା'ର କାୟା ବିସ୍ତାର କରି ତା' କବଳରେ ଆମ୍ଭମାନଙ୍କୁ କବଳିତ କରୁଛି ହେଲେ ତା'ର ପ୍ରଭାବ ଏଠାରେ ଦେଖିବାକୁ ମିଳେନାହିଁ । ବରଗଛ ଡ଼ାଳରେ ଲାଗିଥିବା ଦୋଳି ଖେଳିବାକୁ ଆଖ ପାଖ ଗାଁର ଝିଅମାନେ ରୁଣ୍ଡ ହୁଅନ୍ତି । ତାସ, ଲୁଚୁକାଳି, ବାଗୁଡ଼ି, ବୋହୁଚୋରୀ ଖେଳରେ ଯାଗାଟି ଫାଟି ପଡ଼େ । ପୋଡ଼ ପିଠା, ଝୋଟି ପ୍ରତିଯୋଗିତା । ଏହାର ଆଉ ଏକ ମୁଖ୍ୟ ଆକର୍ଷଣ । ହଜି ଯାଉଥିବା ପାଲା ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଏଠାରେ ସାତ ଦିନଧରି ବାଦୀ ପାଲା ଅନୁଷ୍ଠିତ ହୁଏ । ବାହାରେ ରହୁଥିବା ଲୋକମାନେ ରଜକୁ ଗାଁକୁ ନିଶ୍ଚୟ ଆସନ୍ତି । ଘରେ

ଘରେ କୁଣିଆମାନଙ୍କର ଭିଡ଼ ଗାଁଟିକୁ ଉତ୍ସବ ମୁଖରିତ କରିଦିଏ । ସେଇଥି ପାଇଁ ପାଖ ଗାଁ ଲୋକେ କୁହନ୍ତି -

"ଦୋଳ ରଜ ଯେବେ ଦେଖିବାକୁ ଇଚ୍ଛା - ଗୋବିନ୍ଦପୁରକୁ ଯାଆରେ ବାଞ୍ଛା

ଗାଁ ଭିତରେ ଗାଁ ଗୋଟିଏ ସେହି - ଯୋଉଁଠି ପାତର ଅନ୍ତର ଜମାରୁ ନାହିଁ ।

ସେ ଗାଁରେ ଯିଏ ହୋଇଛି ଜନମ - ଧନ୍ୟ ସିଏ ଧନ୍ୟ ତା କରମ ।"

ଏବେ ସେହି ପଡ଼ିଆରେ ଗୋଟିଏ ସୁନ୍ଦର ମହାଦେବଙ୍କ ମନ୍ଦିର ତିଆରି ହୋଇଛି । ଏହାର ମୁଖ୍ୟ ଉଦ୍‌ଯୋଗୀ ହେଉଛନ୍ତି ହରିହର ପଶ୍ଚିମକବାଟ । ଯିଏ ବାହାରେ ଗୋଟିଏ ବଡ଼ ସରକାରୀ ଚାକିରିଟିଏ କରିଛନ୍ତି । ଏଇ ଗାଁ ମାଟିରେ ନିଜର ପିଲାଦିନ କାଟିଥିବା ହରିବାବୁ ଯେତେବେଳେ ଚାକିରି କରି ସହରରେ ରହିଲେ ଗାଁ ମାଟିକୁ ଭୁଲି ସହର କୋଠାକୁ ଆପଣେଇ ନେଲେ, ଗାଁ ପୋଖରୀର ପାଣିକୁ ଭୁଲି ସହରର ଟେକା ପାଣିକୁ ଆଦର କଲେ । ଗାଁର ଭଲ ପାଇବା ମଣିଷଙ୍କୁ ଭୁଲି ସହରରେ ଭୁଲି ଯାଉଥିବା ଧୋବଧାଉଳିଆମାନଙ୍କୁ ଭଲ ପାଇଲେ । ନିଜର ଜନ୍ମ କଲା ବାପ-ମାଆଙ୍କୁ ଭୁଲି ଶାଶୁ ଶ୍ୱଶୁରଙ୍କ ପାଦ ସେବାରେ ଲାଗି ପଡ଼ିଲେ । ଭାଇ-ଭଉଣୀକୁ ପର କରି ଶଳା-ଶାଳୀକୁ ନିଜର କରିନେଲେ । ନିଜ ଘରକୁ କାଁ-ଭାଁ ଆସିଲେ ହେଲେ ଶଶୁର ଘର ନିଜର ଘର ହୋଇଗଲା । ଏବେ କିନ୍ତୁ ସମୟ ବଦଳି ଯାଇଛି - ଆଗରୁ ଗାଁ ବାଲାଙ୍କ ପାଖରେ ଅଲୋଡ଼ା ହରିବାବୁ ଏବେ ସମସ୍ତଙ୍କର ଲୋଡ଼ା ହେଲେଣି । ମନ୍ଦିର ତୋଳିବା ଦିନୁ ଘୃଣିତ ହରିବାବୁ ଏବେ ସମସ୍ତଙ୍କର ପ୍ରିୟ ।

ଆବେ ପର୍ଶୁ ଯାବେ ପର୍ଶୁ ବାବୁ ପର୍ଶୁରାମ

ପଇସା କ୍ୟା ନକରେ କାମ ।

ହାତରେ ଭାତ ମୁଠାଏ ଥିଲେ ଯେପରି କାଉମାନଙ୍କର ଅଭାବ ରହେନାହିଁ - ସେମିତି ପକେଟରେ ଟଙ୍କା ଥିଲେ ବୋଲକରାମାନଙ୍କର ଅଭାବ ରହିବ ନାହିଁ । ଏବେ ହରିବାବୁଙ୍କ ପାଖରେ ଗାଁର ଅଶୀଭାଗ ଲୋକ । ହରିବାବୁ ମଧ୍ୟ ଏଭଳି ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁଁ ନଥିଲେ - ହାତରେ ଶକୁନିର ପଶାକାଠି - ଓଠରେ ଦୁର୍ଯ୍ୟୋଧନର ହସ - ଅନ୍ତରରେ କଂସର କୁଟିଳତାକୁ ପ୍ରୟୋଗକରି ଗାଁର ସଭାପତି ପଦଟାକୁ ପ୍ରଥମେ ଦଖଲ କରି ନେଲେ । ବାବୁଙ୍କ ଜୁଆରିଆ ବୁଦ୍ଧି ନିକଟରେ ପୂର୍ବ ସଭାପତିଙ୍କ ବୁଦ୍ଧିରେ ଭଟ୍ଟା ପଡ଼ିଗଲା । ନିଜର ଭାବମୂର୍ତ୍ତିକୁ ନିର୍ମଳ ରଖିବା ପାଇଁ ଗାଁ ଅର୍ଥ ତୋଷରପାତ କରିଥିବା ଲୋକଙ୍କ ଠାରୁ ଆଦାୟ କରି ସେହି ଅର୍ଥକୁ ପୁଣି ଗାଁ କୋଠରେ ରଖିଦେଲେ । ଏବେ ଗାଁ ବାଲାଙ୍କ ଆଖିରେ ହରିବାବୁ ଗୋଟା ସୁଦ୍ଧା ଧୁଆ ମୁଗ ।

ହରିବାବୁ ଉପଦେଶ ଛଳରେ ସମସ୍ତଙ୍କୁ ପରାମର୍ଶ ଦିଅନ୍ତି "ନିଜ କାମ ସବୁବେଳେ ନିଜେ କର, ଅନ୍ୟ ଉପରେ ନିର୍ଭର କରନାହିଁ । ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ । କାହାରିକୁ ଛୋଟ ଭାବ ନାହିଁ । ଘୃଣା କର ନାହିଁ, ସମସ୍ତଙ୍କ ଦେହରେ ନାରାୟଣ ବିଦ୍ୟମାନ ।

ମଣିଷ ଦେହେ ଦିବ୍ୟ ଜ୍ଞାନ - ଦେଖି ସନ୍ତୋଷ ଭଗବାନ
କର୍ମ ତୋହର ନିଜ ଗୁରୁ - ଉଦ୍ଧବ କେତେ ତୁ ପଚାରୁ ।

ଆମ୍ଭେମାନେ ସମସ୍ତେ ଇଶ୍ୱରଙ୍କ ସନ୍ତାନ । ମଣିଷକୁ ଘୃଣା କରିବା ଅର୍ଥ ଭଗବାନଙ୍କୁ ଘୃଣା କରିବା । ମାନବ ସେବା ମାଧବ ସେବା । ନିଜକୁ ସରଳ କରିଦିଅ ଦେଖିବ ଗରଳ ଆପେ ଆପେ ଚାଲିଯିବ । ନିଜ ଉପରେ ବିଶ୍ୱାସ ରଖ ଦେଖିବ ଅବିଶ୍ରାମର ଢେଉ ଆପେ ଆପେ ଅତିକ୍ରମ କରିଯିବ । ଇନ୍ଦ୍ରିୟମାନଙ୍କ ମାୟାଜାଲରୁ

ନିଜକୁ ମୁକ୍ତ ରଖ, ତୁମ ଶରୀରରେ ଦେବତାଙ୍କ ସତ୍ତା ନିଜେ ଅନୁଭବ କରିବ । ଧନଭାବ ମନରୁ ପରିହର କରି ଧର୍ମଭାବକୁ ଗ୍ରହଣ କରି । ଧନ ବନ୍ଧନର କାରଣ । ଧର୍ମ ମୋକ୍ଷର କାରଣ । ଭଙ୍ଗା ଠାରୁ ଦୂରେଇ ଯାଇ ଜୀବନଟାକୁ ସବୁବେଳେ ଜୁଆରରେ ବୁଡ଼ାଇ ରଖ । ଆରମ୍ଭ ଅଛି ତ ଶେଷ ନିଶ୍ଚୟ ଅଛି । ଅନ୍ଧୁଡ଼ି ନିଆଁରୁ ଜୁଇ ନିଆଁ, ପ୍ରକଟରୁ ଅପ୍ରକଟ, ଖୋଲା ଆଖିରେ ଆମେ ଏତେ ବଡ଼ ସୁନ୍ଦର ପୃଥିବୀକୁ ଦେଖୁଛେ ସତରେ କେଡ଼େ ସୁନ୍ଦର । କିନ୍ତୁ ଏହି ମାୟା, ଯାଦୁକର ସ୍ରଷ୍ଟାର ଇଏ ଯାଦୁକାରୀ ବିଦ୍ୟା । ବନ୍ଦ ଆଖିରେ ଆମେ ଯାହାକୁ ଦେଖିବା ସେହି ହିଁ ସତ୍ୟ । ତେଣୁ କୁହାଯାଇଛି -

ବାଳକେ ମୋ ବୋଲ କର - ବେଳ ହୁଁ ଗୋବିନ୍ଦ ସୁମର
ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ - ପଦୁ ଗଳୁଛି ମକରନ୍ଦ
ସେ ମକରନ୍ଦ ପାନ କରି - ଆନନ୍ଦେ ବୋଲ ହରି ହରି

ହରି ଯାହାକୁ ଦୟା କରିବେ, ତା'ର ଏ ଦୁନିଆଁରେ କିଛି ଅଭାବ ରହିବ ନାହିଁ । ତେଣୁ ସବୁବେଳେ ହରିବୋଲ ଭାଇ ଗୋବିନ୍ଦ ବୋଲ - ଭାଷିଲା ପଥର ବୁଡ଼ିଲା ସୋଲ ।

ଏଠି, ସେଠି ଯୋଉଠି ଥାଆ - ହରି ନାମ ତୁଣ୍ଡେ ଧରିଥାଆ
ଘର, ଧନ, ଜଡ଼ ନକରି ଆଶଶ - ହରିନାମେ ବାନ୍ଧ ତୁ ବସା
ହରିଙ୍କ ସୁଦୟା ଯାହାକୁ ହୁଏ - ତାହାର ଆଉ କି ଅଭାବ ଥାଏ

ହରିବାବୁଙ୍କ ମୁହଁରୁ ଏସବୁ ଧର୍ମ କଥା ଶୁଣି ଅଫିସରୁ ଗାଁ ସବୁଠାରେ ତାଙ୍କର ପ୍ରଶଂସା । କିଏ କହୁଛନ୍ତି ଏ କଳି ଯୁଗରେ ହରିବାବୁଙ୍କ ଭଳିଆ ମଣିଷଟିଏ ମିଳିବା କଷ୍ଟ । କିଏ କହୁଛନ୍ତି ଆଜିକାଲି ଏ ଦୁର୍ନୀତି ସମାଜରେ ଏଭଳି ଜଣେ ସୁନୀତି

ଲୋକଟିଏ ଦେଖିବା ବିରଳ । କଥା କଥାରେ ମଧ୍ୟ ଗାଁ ଲୋକେ ନିଜ ପୁଅଝିଅଙ୍କୁ ହରିବାବୁଙ୍କ ଉଦାହରଣ ଦେଉଛନ୍ତି । ଆମ ଗାଁ ପଙ୍କରୁ ସିଏ ପଙ୍କଜ - ଏ ଗାଁର ସିଏ ମଣି ଏମିତି କେତେ କ'ଣ ନାହିଁ ନଥିବା ପ୍ରଶଂସା । ଅଫିସରେ ମଧ୍ୟ ତଦ୍ରୂପ ପ୍ରଶଂସା । ଏତେ ପ୍ରଶଂସାରେ ପ୍ରଶଂସିତ ହରିବାବୁଙ୍କ ଗର୍ବ ଆଉ ଗୌରବ କହିଲେ ନସରେ । ପିମ୍ପୁଡ଼ି ରୁଖା ଉପରେ ଚଢ଼ି ସ୍ୱର୍ଗ ଆରୋହଣ କରିଛି ଭାବିଲା ଭଳି ହରିବାବୁ ଯାହା ନୁହଁନ୍ତି ଏବେ ତାହାହିଁ ଭାବିବାକୁ ଲାଗିଲେଣି । କଥାରେ ଅଛି -

ସବୁଦିନେ ନାହିଁ ଚାନ୍ଦିନୀ ରାତି - ସବୁଦିନେ ନାହିଁ ଚୋରା ପୀରତି

ବିଲେଇ ଭାବେ ସିଏ ଆଖି ବୁଜି ଦୁଧ ପିଉଛି ତାକୁ କେହି ଦେଖି ପାରୁନାହାନ୍ତି । ଆଜି ହରିବାବୁଙ୍କ ଭାଗ୍ୟ ଆକାଶରୁ ପୁନେଇଁ ଜହ୍ନ ଉଭେଇ ଯାଇ ଅମା ଅନ୍ଧାର ଘୋଟି ଆସିଛି । ଭିଜିଲାନ୍‌ସ ବର୍ତ୍ତମାନ ଶିଶୁ ଖାଦ୍ୟ ଅପମିଶ୍ରଣର ତଦନ୍ତ ଆରମ୍ଭ କରିଛି, ତା'ର ସନ୍ଦେହ ବଳୟକୁ ହରିବାବୁ ଚାଲି ଆସିଲେଣି କାରଣ ସେ ହେଉଛନ୍ତି ସେହି ବିଭାଗର ମୁଖ୍ୟ । ଶିଶୁ ଖାଦ୍ୟ ଉତ୍ପାଦନ ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ବିପୁଳ ପରିମାଣର ଅର୍ଥ ସେମାନଙ୍କ ଠାରୁ ସଂଗ୍ରହ କରିଛନ୍ତି । ମନ ଜାଣେ ପାପ - ମାଆଜାଣେ ବାପ- ନ୍ୟାୟରେ ହରିବାବୁ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଜୋରସୋର ଲବି ଆରମ୍ଭ କରିଦେଲେଣି । କାଲି ଯିଏ ଧନକୁ ତୁଚ୍ଛ କରି ଧର୍ମ କଥା କହୁଥିଲା ଆଜି ଧର୍ମକୁ ତୁଚ୍ଛ କରି ଅନ୍ୟାୟ ଭାବରେ ଠୁଳ କରିଥିବା ଧନ କିଭଳି ସୁରକ୍ଷିତ ରହିବ ସେଥିପାଇଁ ତାଙ୍କ ଆଖିରୁ ନିଦ ହଜି ଯାଇଛି । ନିଜକୁ ରକ୍ଷା କରିବା ପାଇଁ ତଳ ଠାରୁ ଉପର - ନେତାଙ୍କ ଠାରୁ ହାକିମ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ତଳିପାରେ ଫୋଟକା ଫୁଟିଲାଣି, କହିବାକୁ ଗଲେ ଭିଜିଲାନ୍‌ସ ତଦନ୍ତକାରୀ ଅଫିସର ଓ ହରିବାବୁଙ୍କ ମଧ୍ୟରେ ଏକ ପ୍ରକାର ବାଘ ଛେଳି ଖେଳ ଆରମ୍ଭ ହୋଇଯାଇଛି । ଏଇ

ଦିନ କେଇଟା ପୂର୍ବରୁ ଫଗୁଣର ମଳୟ ପବନରେ ଭାସି ବୁଲୁଥିବା ହରିବାବୁ ଏବେ ବୈଶାଖୀର ଝାଞ୍ଜିରେ ଝାଉଁଳି ପଡ଼ି ଦୁଇ ଆଖିରୁ ଆଷାଢ଼ ଶ୍ରାବଣର ବାରି ଝରାଉଛନ୍ତି । ଚୋର ମାଆ କାନ୍ଦେ ନାହିଁ, ଯଦି କାନ୍ଦେ କବାଟ କଣରେ କାନ୍ଦେ । କ'ଣ କରିବେ ସବୁଠାରୁ ନିରାଶ ହେବା ପରେ ଭାବୁଛନ୍ତି -

ଭାଇବୋଲ ବନ୍ଧୁ ବୋଲ - ସରବେ ସୁଖର ସାଥୀ
ଜୀବ ଗଲା ବେଳେ - ଏକା ଗୋବିନ୍ଦ ସାରଥୀ
ଏବେ ଛାଡ଼ିଲି ସକଳ ଆଶା - ଭାବିଲି ଏଣିକି ଗୋବିନ୍ଦ ଭରସା ।

ଆଜି ସବୁ ଖବରକାଗଜ, ଟି.ଭି.ରେ ଫଟୋସହ ବାହାରିଲା, ଶିଶୁଖାଦ୍ୟ ଅପମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ହରିହର ପଶ୍ଚିମକବାଟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି ଓ ତାଙ୍କର କଟକ, ଭୁବନେଶ୍ୱର, ବାରିପଦା, ସମ୍ବଲପୁର, ବ୍ରହ୍ମପୁର ସହରରେ ଥିବା କୋଠା ଉପରେ ଏକ ସଙ୍ଗରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଆୟ ବର୍ହିଭୁତ ସମ୍ପତ୍ତି ଠାବ କରାଯାଇଅଛି । ଏ ଖବର ପ୍ରଚାରିତ ହେବା ପରେ ଗୋବିନ୍ଦପୁର ଗାଁ ବାଲାଙ୍କ ନିଦ ଭାଙ୍ଗିଯାଇଛି, ଆଜି ଯାଏ ଯେଉଁ ହରିକୁ ହରି ଭାବି ସମ୍ମାନ ଦେଇ ଆସୁଥିଲେ ସେଇଟା ମଣିଷ ରୂପୀ ଗୋଟା, ମହାକାଳ ଫଳ-ବାଇଡଙ୍କ । ଏ ହାତ ପାପ - ସେ ହାତ ନିଏ ନାହିଁ ।

ଅନ୍ୟାୟ ଧନ ଫଳେ ବହୁତ - ଗଲାବେଳେ ଯାଏ ମୂଳ ସହିତ ।

ଆଜି ଗାଁ କୋଠାଘରେ ଗ୍ରାମ୍ୟ ସଭା ବସିଛି । କିଛି ଗ୍ରାମବାସୀ ମତବ୍ୟକ୍ତ କଲେ ହରି ମିଠା କଥାରେ ଏତେ ଖଟା ଭରି ରହିଥିଲା ତାହା ଆମେ ଜାଣି ପାରିଲେ ନାହିଁ । " ପୁଅ ଗୁହାଳକ ମେଣ୍ଢା ଖାଇ ବୈଷ୍ଣବ ବୋଲାଉଥିଲା । ଏମିତି ଖଞ୍ଜରେ ପୋଖରୀଯାକ ମାଛ ଖାଇଦବ ହେଲେ ଟିକିଏ ଓଦା ହବନାହିଁ । ପୂର୍ବତନ ଗ୍ରାମ

ସଭାପତି ଦୋଳଗୋବିନ୍ଦ ଦାସ ଆରମ୍ଭ କଲେ "ହରିଆକୁ ମୁଁ ହାଡ଼େ ହାଡ଼େ ଚିହ୍ନିଛି, ସିଏ ଆଜି ବଡ଼ ଚାକିରିଟାଏ କରିଦେଲା ବୋଲି କ'ଣ ତାର ସ୍ୱଭାବ ବଦଳିଯିବ "ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ- ମଣିଷ ପ୍ରକୃତି ମଲେ ତୁଟେ । କଥାରେ ପରା କୁହାଯାଇଛି " ଦେହେ ମନ୍ଦାକିନୀ ରଜ ଲଗାଇ - ଗାଆଁ ଶୁକରୀ କି ହୋଇବ ଗାଈ" ମୋ କଥାତ ସେତେବେଳେ କେହି କାନକୁ ନେଲ ନାହିଁ - ତା କଥାରେ ଭାସିଯାଇ ତାକୁ ମୁଣ୍ଡରେ ମୁଣ୍ଡେଇ ବୁଲିଲ, ଏବେ ଜାଣିଲଣି ସିଏ କ'ଣ କରିଛି ସେକଥା ଶୁଣିଲେ ତମେମାନେ ସମସ୍ତେ ମୁଣ୍ଡରେ ହାତ ଦେଇ ବସିବ । ଘଟଣା କ'ଣ ଗାଁ ବାଲାଏ ଜାଣିବାକୁ ଚାହିଁବାରୁ ଦୋଳବାବୁ ଆରମ୍ଭ କଲେ, ଯାହାତ ସରକାରୀ କଳକୁ ଖୋଳ କଲ, ସେଥିରେ ତା ମନ ଶାନ୍ତି ହେଲା ନାହିଁ ଏବେ ଆମ ଗାଁ ମେଲଣ ପଡ଼ିଆକୁ ଗାଁଆର ତିନି ଚାରିଜଣଙ୍କୁ ମଦ- ମାଉଁସ ଖାଇବାକୁ ଦେଇ ତା ନାଆଁରେ କବଲା କରି ନେଇଛି । ଏ କଥା ଶୁଣି ଲିଭିଲା ନିଆଁରେ ଘିଅ ପଡ଼ିଲା ଭଳି ସମସ୍ତେ ତାତି ଉଠିଲେ "ତା ବଡ଼ ଚାକିରି ତା' ଘରେ ରଖିଥାଉ । "ଜାତି ଆଗରେ ହାତୀ ସରି ନୁହେଁ । ଆମେ ଚାହିଁଲେ ତା ଘର ଭାଙ୍ଗି ଧୂଳିସାତ୍ କରିଦବୁ । ସିଏ କ'ଣ ଢ଼ିଙ୍କିକି କାଠ ବୋଲି ଭାବିଛି କି ? ତା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନିଆଯାଉ । ସେ ଯେପରି ତା ଜୀବନ ଥିଲା ପର୍ଯ୍ୟନ୍ତ ଆମଏ ଗାଁ ମାଟି ମାଡ଼ିବ ନାହିଁ । ହେଲେ ଆମ ମେଳଣ ପଡ଼ିଆ ? ଦୋଳବାବୁ କହିଲେ ସବୁ କରା ହେବ - କବଲା କରିଛି, କବଲା କେମିତି ରଦ୍ଦ ହେବ ସେ ବାଟ ଆମେ କରିବା । ଗାଁ ବାଲା ଦୋଳବାବୁଙ୍କ ହାତରେ ଗାଁର ଦାୟିତ୍ୱ ଅର୍ପଣ କରି ହରି ଜେଲରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ ।

***